ସମାଜ 96 YEARS OF EXCELLENCE 1919-2015
୧୩ ଫେବୃଆରୀ ୨୦୧୬

# 'ବିଶ୍ୱକୁ ନୂତନତ୍ୱ ଦେବାରେ ଆଇଆଇଟି ଇଞ୍ଜିନିୟରଙ୍କ ସାମର୍ଥ୍ୟ ରହିଛି'


ଆଇଆଇଟିର ପ୍ରତିଷ୍ଠା ଉତ୍ସବ

ଭୁବନେଶ୍ୱର,୧୨।୨(ନି.ପ୍ର)- ଜୀବନରେ ଥରେ ଯିଏ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି(ଆଇଆଇଟି)ର ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛି ସିଏ ବିଶ୍ୱର ବଡ଼ ସଫଳତା ସିଡ଼ି ଚଢ଼ିଛି କହିଲେ ଅତ୍ୟୁକ୍ତି ହେବନାହିଁ। ଏଥିରେ ପାଦ ଥାପିଲା ପରେ ଯୁବ ଇଞ୍ଜିନିୟର୍ସମାନେ ଆଉ ପଛକୁ ଫେରନ୍ତି ନାହିଁ। ନିଜ ପସନ୍ଦକ୍ଷେତ୍ରରେ ଆଗକୁ ମାଡି ଚାଲନ୍ତି। ସଫଳତା ତାଙ୍କର ପାଦ ଛୁଏଁ, ହେଲେ ସାଧାରଣ ଲୋକେ ଯେଉଁଳି ଏହାର ଉପକାର ପାଇବେ ସେଥିପ୍ରତି ଯୁବଇଞ୍ଜିନିୟର୍ସମାନେ ଧ୍ୟାନ ଦେବା ଆବଶ୍ୟକ। ଆଇଆଇଟି ହେଉଛି ବିଶ୍ୱର ଏକ ମାନଗଣ୍ୟ ଶିକ୍ଷାନୁଷ୍ଠାନ। ଯେଉଁଠୁ ଯୁବକଯୁବତୀମାନଙ୍କ ନିକଟରେ ବିଶ୍ୱକୁ ନୂତନତ୍ୱ ଦେବାର ସାମର୍ଥ୍ୟ ରହିଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି।

ଶୁକ୍ରବାର ଆଇଆଇଟିର ଅଷ୍ଟମ ବାର୍ଷିକ ପ୍ରତିଷ୍ଠା ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ବିଶ୍ୱ ଏବେ ତିନୋଟି କାରଣ ପାଇଁ ଭାରତ ମୁହାଁ ହୋଇଛି। ଭାରତର 'ଡିଜିଟାଲ, ସ୍ପିରିଚୁଆଲ ଓ ହର୍ବାଲ'ବିଶ୍ୱବାସୀଙ୍କୁ ଆକର୍ଷିତ କରୁଛି। ୬୦ବର୍ଷ ତଳେ ବିଜ୍ଞାନର କରାମତି କହିଲେ ଗଙ୍ଗାନଦୀ ଉପରେ ପୋଲ ନିର୍ମାଣ କରିବା ଜ୍ଞାନ କୌଶଳକୁ ବୁଝା ଯାଉଥିଲା। ମାତ୍ର ଏବେ ଗ୍ରାମୀଣ ଲୋକଙ୍କୁ କୃଷି କ୍ଷେତ୍ରରେ ଯଦି ଅଧିକ ଉପଯୋଗ କରାଯାଇ ପାରିବ ତେବେ ଯାଇ ବିଜ୍ଞାନ ସଫଳତା ଲାଭ କଲା ବୋଲି ବୁଝାଯିବ।

ଶ୍ରୀ ପଟ୍ଟନାୟକ କହିଥିଲେ ଯେ ବିଗତ ୮ବର୍ଷ ମଧ୍ୟରେ ଆଇଆଇଟିର ବହୁ ଉନ୍ନତି ସମ୍ଭବ ହୋଇପାରିଛି।

## ଦୈବୀଦୁର୍ବିପାକ ମୁକାବିଲା ପାଇଁ ଗଞ୍ଜାମରେ ପ୍ରତିଷ୍ଠା ହେବ ଜାତୀୟ ପର୍ଯ୍ୟବେକ୍ଷଣାଗାର

ଛାତ୍ରଛାତ୍ରୀଙ୍କ ସଂଖ୍ୟା ଅନୁପାତରେ ଯଥେଷ୍ଟ ବୃଦ୍ଧି ଘଟିଥିବା ବେଳେ ଷ୍ଟାଫ୍ କର୍ମଚାରୀ ଓ ଭିତ୍ତିଭୂମି କ୍ଷେତ୍ରରେ ବହୁ ଉନ୍ନତି ସମ୍ଭବ ହୋଇଛି। ଏବେ ଆଇଆଇଟି ଏକ ଛୋଟିଆ ଭାରତ କହିଲେ ଅତ୍ୟୁକ୍ତି ହେବ ନାହିଁ। ବିଜ୍ଞାନ କାରୀଗରୀ ବିଦ୍ୟାରେ ବିଶ୍ୱରେ ଆଇଆଇଟି ବ୍ରାଣ୍ଡର ସ୍ୱତନ୍ତ୍ରତା ରହିଛି। ଏହାକୁ ସିଦ୍ଧ କରିବାପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆଇଆଇଟିକୁ ସବୁ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦିଆଯାଉଛି। ତେବେ ସୁନାମୀ ଓ ସାଇକ୍ଲୋନ୍ ଭଳି ଦୈବୀଦୁର୍ବିପାକ ତଥା ପ୍ରାକୃତିକ ବିପର୍ଯ୍ୟୟ ଉପରେ ଅଧିକ ଗବେଷଣା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଗଞ୍ଜାମରେ ୭୫ ଏକର ଭୂମି ଯୋଗାଇ ଦିଆଯାଇଛି। ଭାରତ ସରକାରଙ୍କ ଭୂବିଜ୍ଞାନ ମନ୍ତ୍ରାଳୟର ସହଯୋଗକ୍ରମେ ଗଞ୍ଜାମରେ ଭାରତର ପ୍ରଥମ ପର୍ଯ୍ୟାବେକ୍ଷଣଗାର ଖୁବ୍‌ଶୀଘ୍ର ପ୍ରତିଷ୍ଠା କରାଯିବ। ନିକଟରେ ଭାରତରେ ଭୁବନେଶ୍ୱର ସ୍ମାର୍ଟସିଟିର-ଏକ ନମ୍ବର ତାଲିକାରେ ସ୍ଥାନ ପାଇଛି। ଏଥିପାଇଁ ସହରର ଟ୍ରାଫିକ୍ ଶୃଙ୍ଖଳା, ବର୍ଜ୍ୟ ପରିଚାଳନା, ସୁରକ୍ଷା ଓ ପରିମଳ ଦିଗ ପ୍ରତି ବିଶେଷ ଧ୍ୟାନ ଦିଆଯିବାର ବ୍ୟବସ୍ଥା ରହିଛି। ତେବେ ଆଇଆଇଟି ପରିସରରେ ଶକ୍ତି ବିହୀନ କ୍ୟାମ୍ପସ ପ୍ରତିଷ୍ଠା ହେବ। ଭାରତ ସରକାରଙ୍କ ଶକ୍ତି ମନ୍ତ୍ରାଳୟର ସହଯୋଗକ୍ରମେ ହେବାକୁ ଥିବା ଏହି କ୍ୟାମ୍ପସ୍ ବହୁ ନୂତନତା ଆଣିଦେବ। ଦେଶରେ ଆଗାମୀ ଦିନରେ ଉଦ୍ୟୋକ୍ତା ପାର୍କ ପ୍ରତିଷ୍ଠାରେ ଆଇଆଇଟି ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଛାତ୍ରସମାଜକୁ ସମ୍ବୋଧନ କରି କହିଛନ୍ତି।

ଆଜିର ଏହି କାର୍ଯ୍ୟକ୍ରମରେ ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଆର୍ ଭି ରାଜା କୁମାର ସ୍ୱାଗତ ଭାଷଣ ଦେଇଥିବାବେଳେ ଖାଉଟି କଲ୍ୟାଣ ମନ୍ତ୍ରୀ ସଞ୍ଜୟ ଦାସବର୍ମା, ଉଚ୍ଚଶିକ୍ଷାମନ୍ତ୍ରୀ ପ୍ରଦୀପ ପାଣିଗ୍ରାହୀ, ସାଂସଦ ଡ. ପ୍ରସନ୍ନ ପାଟଶାଣୀ ଓ ପୂର୍ବତନ ରାଷ୍ଟ୍ରଦୂତ ଲଳିତ ମାନସିଂହ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଇଆଇଟିର ସଫଳତା ଉପରେ ଆଲୋକପାତ କରିଥିଲେ।